Deaf Child Worldwide

# ଶିଶୁ ସୁରକ୍ଷା ଏବଂ ନିରାପତ୍ତାରେ ଡେଫ୍ ଚାଇଲ୍ଡ ୱାଲର୍ଡୱାଇଡର ସର୍ବନିମ୍ନ ମାନକସମୂହ

Deaf Child Worldwide

ଯେଉଁ ନିରାପତ୍ତାକୁ ମାପ ତଥା ସମୀକ୍ଷା କରାଯାଇପାରିବ, ତାହା ପ୍ରତି ବେଞ୍ଚମାର୍କ ପ୍ରଦାନ କରିବା ପାଇଁ ଏହି ମାନକଗୁଡ଼ିକ ଶ୍ରେଷ୍ଠ ପଦ୍ଧତି ଭାବେ ସ୍ୱୀକୃତ ଏବଂ ଡେଫ୍ ଚାଇଲ୍ଡ ୱାର୍ଲଡ୍ୱାଇଡ୍ ଓ ଆମର ସହଭାଗୀ ଅନୁଷ୍ଠାନଗୁଡ଼ିକ ଦ୍ୱାରା ବ୍ୟବହୃତ ହୋଇପାରିବ।

ଏହି ମାନକଗୁଡ଼ିକ ଏପରି ବିସ୍ତୃତ ରୂପରେଖା ପ୍ରଦାନ କରିଥାଏ, ଯେଉଁଗୁଡ଼ିକୁ ଆମ ସହଭାଗୀମାନେ ସେମାନଙ୍କର ପରିସ୍ଥିତି ପରିପ୍ରେକ୍ଷୀରେ ନୀତିଗୁଡ଼ିକୁ ପ୍ରଭାବଶାଳୀ ଭାବେ ବ୍ୟବହାର କରିବା ଉଚିତ।

ଏହି ମାନକଗୁଡ଼ିକ ସହିତ ଆମର ସହଭାଗୀମାନଙ୍କ ପାଇଁ ଆମେ ଶିଶୁ ସୁରକ୍ଷା ଟ୍ରେନିଂ ଏବଂ ନୀତି ବିକାଶରେ ସହାୟତା ପ୍ରଦାନ କରୁ।

# ମାନକ 1: ନୀତି

ସହଭାଗୀ ଅନୁଷ୍ଠାନଗୁଡ଼ିକ ସହିତ ଚୁକ୍ତିନାମା କରିବା ସମୟରେ, ଡେଫ୍ ୱାର୍ଲଡ୍‌ୱାଇଡ୍ ଆବଶ୍ୟକ କରେ ଯେ, ତାଙ୍କର ଶିଶୁ ସୁରକ୍ଷା ଏବଂ ନିରାପତ୍ତା ନୀତି ରହିଛି ଅଥବା ଏହା କରିବା ପାଇଁ ସେମାନେ ପ୍ରସ୍ତୁତ ଅଛନ୍ତି। ସମସ୍ତ ଶିଶୁ ଓ ଯୁବା ବ୍ୟକ୍ତିଙ୍କୁ ହାନିରୁ ପ୍ରତିରୋଧ କରିବା ପାଇଁ କେଉଁସବୁ ପଦକ୍ଷେପ ରହିଛି, ତାହା ନୀତି ସ୍ଥିର କରେ ଏବଂ ନିରାପତ୍ତାର ଚିନ୍ତାଜନକ ବିଷୟଗୁଡ଼ିକ ଉତ୍ପନ୍ନ ହେବା ସମୟରେ କିଭଳି ଯଥାର୍ଥ ଭାବେ ପ୍ରତିକ୍ରିୟା ବ୍ୟକ୍ତ କରାଯିବ, ତାହା ବର୍ଣ୍ଣନା କରେ।

## କାହିଁକି?

ଏକ ଶିଶୁ ସୁରକ୍ଷା ଏବଂ ନିରାପତ୍ତା ନୀତି ପ୍ରସ୍ତୁତ କରିବା ଦ୍ୱାରା ଅନୁଷ୍ଠାନଗୁଡ଼ିକ ଏହା ପ୍ରତ୍ୟେକଙ୍କ ପାଇଁ ସ୍ପଷ୍ଟ କରନ୍ତି ଯେ, ସେମାନଙ୍କର ବିଶ୍ୱାସ ପ୍ରତିଟି ମୁହୂର୍ତ୍ତରେ ପିଲାମାନଙ୍କୁ ସୁରକ୍ଷା ଦେବ ଏବଂ ହାନି କିମ୍ବା ଅପବ୍ୟବହାରର ଆଶଙ୍କା ଭିତରେ ସେମାନେ ରହିବେ ନାହିଁ।

ଏହି ନୀତି ନିଶ୍ଚିତ ରୂପେ:

› ଶିଶୁ ଅଧିକାର ଉପରେ ମିଳିତ ଜାତିସଂଘର ସମ୍ମେଳନ (ୟୁଏନସିଆରସି) ର ନୀତିଗୁଡ଼ିକୁ ପ୍ରତିବିମ୍ବିତ କରିବ

› 'ଶିଶୁ', 'ଯୁବା ବ୍ୟକ୍ତି' ଏବଂ 'ଅପବ୍ୟବହାର' ର ସଠିକ୍ ବ୍ୟାଖ୍ୟା ଅନ୍ତର୍ଭୁକ୍ତ କରିବ ଏବଂ ବିଭିନ୍ନ ପ୍ରକାର ହାନି ଓ ଅପବ୍ୟବହାରର ଦୃଷ୍ଟାନ୍ତ ନେବ

› ଅନୁଷ୍ଠାନର କାର୍ଯ୍ୟକ୍ରମଗୁଡ଼ିକ ପାଇଁ ଆସୁଥିବା ସମସ୍ତ କର୍ମଚାରୀ, ସ୍ୱେଚ୍ଛାସେବୀ, ଇଣ୍ଟର୍ଣ୍ଣ, ଉପଦେଷ୍ଟା, ସାଙ୍କେତିକ ଭାଷା ବ୍ୟାଖ୍ୟାକାରୀ ଏବଂ ପରିଦର୍ଶକମାନଙ୍କୁ ଅନ୍ତର୍ଭୁକ୍ତ କରିବ

› ଅନୁଷ୍ଠାନ ଭିତରେ ପ୍ରାସଙ୍ଗିକ ପରିଚାଳନା କମିଟି ଦ୍ୱାରା ଅନୁମୋଦିତ ଏବଂ ସମର୍ଥିତ ହେବେ ଏବଂ ପ୍ରତି ତିନି ବର୍ଷରେ ସମୀକ୍ଷା କରାଯିବ

› ସୁରକ୍ଷା ପଦ୍ଧତିର ତତ୍ତ୍ୱାବଧାନ ଦୃଷ୍ଟିରୁ ପରିଚାଳକ, ନିର୍ଦ୍ଦେଶକ ଏବଂ ଟ୍ରଷ୍ଟିମାନଙ୍କର ଦାୟିତ୍ୱଗୁଡ଼ିକୁ ସ୍ପଷ୍ଟ ରୂପେ ବର୍ଣ୍ଣନା କରିବ

› ଯଦି ବରିଷ୍ଠ କର୍ମଚାରୀ ଅଥବା ଟ୍ରଷ୍ଟିଙ୍କ ବିରୋଧରେ କୌଣସି ଅଭିଯୋଗ ଥାଏ, ତେବେ ପାଳନ କରାଯିବାକୁ ଥିବା ପଦ୍ଧତିଗୁଡ଼ିକ ଅନ୍ତର୍ଭୁକ୍ତ କରିବ

› ଉଚିତ ଢଙ୍ଗରେ ପ୍ରଚାର କରାଯିବ, ବଧିର ପିଲା ଏବଂ ଯୁବା ବ୍ୟକ୍ତିମାନେ ସହଜରେ ପାଇପାରିବା ଭଳି ବିଭିନ୍ନ ଭାଷା ଓ ଫର୍ମାଟରେ ଅନୁବାଦ କରାଯିବ, ଏବଂ ବହୁଳ ଭାବେ ବଣ୍ଟନ କରାଯିବ

ସଠିକ୍ ମାନକ ରହିଥିବାର ପ୍ରମାଣସ୍ୱରୂପ ନିମ୍ନଲିଖିତ ଦଲିଲଗୁଡ଼ିକ ବ୍ୟବହାର କରାଯାଇପାରିବ:

› ନୀତିର ଏକ କପି ମ୍ୟାନେଜମେଣ୍ଟ ଦ୍ୱାରା ସ୍ୱାକ୍ଷରିତ ଏବଂ ଦିନାଙ୍କିତ ହୋଇଛି।

› ସ୍ଥାନୀୟ ଭାଷାଗୁଡ଼ିକରେ ନୀତିର ଅନୁବାଦ କରାଯାଇଛି।

› ବଧିର ପିଲା ଓ ସେମାନଙ୍କ ପରିବାର ସମେତ, ଅନ୍ୟମାନଙ୍କୁ ନୀତି ବିନିମୟ ଓ ପ୍ରବର୍ତ୍ତିତ କରାଯିବାର ଉପାୟଗୁଡ଼ିକର ଉଦାହରଣ ରହିଛି।

# ମାନକ 2: ପଦ୍ଧତି

Deaf Child Worldwide

ସହଭାଗୀ ଅନୁଷ୍ଠାନଗୁଡ଼ିକ, ସେମାନଙ୍କର ବିଦ୍ୟମାନ ବ୍ୟବସ୍ଥାଗୁଡ଼ିକ ମଧ୍ୟରେ ଶିଶୁ ସୁରକ୍ଷା ପ୍ରକ୍ରିୟା ଓ ପଦ୍ଧତିଗୁଡ଼ିକୁ ଏକୀକୃତ କରି ଶିଶୁ ସୁରକ୍ଷା ପରିବେଶ ପ୍ରସ୍ତୁତ କରିବେ କିମ୍ବା ସେମାନଙ୍କ ପାଖରେ ଏହା ରହିଥିବ। ଏହି ପଦ୍ଧତିଗୁଡ଼ିକ ନିଶ୍ଚିତ ରୂପେ ଶିଶୁ ସୁରକ୍ଷା ଏବଂ ନିରାପତ୍ତା ନୀତିକୁ ପୂରଣ କରିବା ପାଇଁ ଆବଶ୍ୟକ ପର୍ଯ୍ୟାୟଗୁଡ଼ିକ ସବିଶେଷ ଭାବେ ବର୍ଣ୍ଣନା କରୁଥିବ।

## କାହିଁକି?

ପ୍ରଭାବଶାଳୀ ନିରାପତ୍ତା ପ୍ରକ୍ରିୟା ଏବଂ ପଦ୍ଧତିଗୁଡ଼ିକ ସୁନିଶ୍ଚିତ କରେ ଯେ, ଶିଶୁ ସୁରକ୍ଷା ଏକ ଅନୁଷ୍ଠାନରେ ଅକ୍ଷୁଣ୍ଣ ରହିଛି। ଏଗୁଡ଼ିକ ଯେକୌଣସି ସୁରକ୍ଷା ବିଷୟ ଅଥବା ଉତ୍ପନ୍ନ ହେବାକୁ ଥିବା ଘଟଣାଗୁଡ଼ିକ ପରିଚାଳନା କରିବାରେ ସହାୟକ କର୍ମଚାରୀମାନଙ୍କୁ ଆତ୍ମବିଶ୍ୱାସ ଯୋଗାଇବ। କାର୍ଯ୍ୟକ୍ରମ ଏବଂ ଅନୁଷ୍ଠାନଗୁଡ଼ିକରେ ଆଶଙ୍କାଗୁଡ଼ିକୁ ତାହା ହ୍ରାସ କରିବ।

ସହଭାଗୀ ଅନୁଷ୍ଠାନଗୁଡ଼ିକ ନିଶ୍ଚିତ ରୂପେ:

- › ସେମାନଙ୍କ ଅନୁଷ୍ଠାନ ଅଥବା ବାହାରେ ଉତ୍ପନ୍ନ ହେଉଥିବା ଶିଶୁ ସୁରକ୍ଷା ଘଟଣାବଳୀ ଓ ଚିନ୍ତାଜନକ ବିଷୟଗୁଡ଼ିକ ପାଇଁ ସ୍ଥାନୀୟ ରୂପେ ଉପଯୁକ୍ତ ପ୍ରତିକ୍ରିୟା ଏବଂ ରିପୋର୍ଟିଂ ପ୍ରକ୍ରିୟା ପ୍ରସ୍ତୁତ କରିବେ
- › ସେମାନଙ୍କର ନୀତି ଅଧୀନରେ ଗୋପନୀୟତା, ତଥ୍ୟ ସୁରକ୍ଷା ଏବଂ କିପରି ବ୍ୟକ୍ତିଗତ ତଥ୍ୟ ସୁରକ୍ଷିତ ରଖାଯିବ, ସେ ସଂପର୍କରେ କର୍ମଚାରୀଙ୍କୁ ମାର୍ଗଦର୍ଶନ ଅନ୍ତର୍ଭୁକ୍ତ କରିବେ
- › ସେମାନଙ୍କର ନୀତି ଅଧୀନରେ, ଫଟୋଗ୍ରାଫ୍, ଫିଲ୍ମର ବ୍ୟବହାର ଏବଂ ଶିଶୁ ଓ ଯୁବା ବ୍ୟକ୍ତିଙ୍କର ଘଟଣା ଅଧ୍ୟୟନ ଉପରେ ମାର୍ଗଦର୍ଶନ ଅନ୍ତର୍ଭୁକ୍ତ କରିବେ
- › ବଧିର ପିଲା ଏବଂ ଯୁବା ବ୍ୟକ୍ତିମାନଙ୍କଠାରୁ ସେମାନଙ୍କର ଫଟୋ ଏବଂ ବ୍ୟକ୍ତିଗତ ତଥ୍ୟ ବ୍ୟବହାର ସଂକ୍ରାନ୍ତରେ ସୂଚିତ ସମ୍ମତି ନେବାର ପଦ୍ଧତି ପ୍ରସ୍ତୁତ କରିବେ

ସଠିକ୍ ମାନକ ରହିଥିବାର ପ୍ରମାଣ ସ୍ୱରୂପ ନିମ୍ନଲିଖିତ ଦଲିଲଗୁଡ଼ିକ ବ୍ୟବହାର କରାଯାଇପାରିବ:

- › ସୁରକ୍ଷା ବିଷୟବସ୍ତୁ ଏବଂ ଘଟଣାଗୁଡ଼ିକର ତଥ୍ୟକୁ କର୍ମଚାରୀମାନେ କିଭଳି ପରିଚାଳନା କରନ୍ତି ଓ ଉପଯୁକ୍ତ ଭାବେ ବିକଶିତ କରାନ୍ତି ତାହା ଦେଖାଇବା ପାଇଁ ରିପୋର୍ଟିଂ ଫ୍ଲୋଚାର୍ଟ।
- › ବଧିର ପିଲା ଓ ଯୁବା ବ୍ୟକ୍ତି ଏବଂ ସେମାନଙ୍କ ପିତାମାତାଙ୍କ ପାଇଁ ସମ୍ମତି ଫର୍ମର ଟେମ୍ପଲେଟ୍।

# ମାନକ 3: ବ୍ୟକ୍ତି

ଶିଶୁ ସୁରକ୍ଷା ଓ ନିରାପତ୍ତା ନୀତି ଓ ପଦ୍ଧତିର ଧାରାରେ କାର୍ଯ୍ୟ କରିବାରେ ସହଭାଗୀ ଅନୁଷ୍ଠାନ ଏହାର ସମସ୍ତ କର୍ମଚାରୀ ଏବଂ ହିତଧାରକଙ୍କ ଉପରେ ସ୍ପଷ୍ଟ ଦାୟିତ୍ୱ ନ୍ୟସ୍ତ କରିବ ଏବଂ ଆଶା ରଖିବ - ଏବଂ ବୁଝିବା ଦିଗରେ ସେମାନଙ୍କୁ ନିଶ୍ଚିତ ରୂପେ ସମର୍ଥନ ଦେବ।

## କାହିଁକି?

ଶିଶୁଙ୍କ ସୁରକ୍ଷା ପ୍ରତ୍ୟେକଙ୍କ ଦାୟିତ୍ୱ; ଆମ ସମସ୍ତଙ୍କୁ କର୍ତ୍ତବ୍ୟ ନିର୍ବାହ କରିବାକୁ ପଡ଼ିବ। ଅନୁଷ୍ଠାନଗୁଡ଼ିକ ଏହା ସୁନିଶ୍ଚିତ କରିବା ଆବଶ୍ୟକ ଯେ, ସେମାନଙ୍କ ସହ ଜଡ଼ିତ ସମସ୍ତେ ସୁରକ୍ଷା ଦିଆଯିବାକୁ ବୁଝିଛନ୍ତି, ବଧିର ପିଲା, ଯୁବା ବ୍ୟକ୍ତି ଏବଂ ସେମାନଙ୍କର ପରିବାର ଏଥିରେ ଅନ୍ତର୍ଭୁକ୍ତ।

ସହଭାଗୀ ଅନୁଷ୍ଠାନଗୁଡ଼ିକ ନିଶ୍ଚିତ ରୂପେ:

- ଅନୁଷ୍ଠାନ ଭିତରେ ବିଭିନ୍ନ ସ୍ତରର କର୍ମଚାରୀଙ୍କୁ ନିଯୁକ୍ତ କରିବେ, ଯାହାଙ୍କ ଉପରେ ସୁରକ୍ଷାର ଦାୟିତ୍ୱ ରହିବ ଯେଉଁଥିରେ କି ତାଙ୍କ କର୍ତ୍ତବ୍ୟ ସ୍ପଷ୍ଟ ରୂପେ ଧାର୍ଯ୍ୟ କରାଯାଇଥିବ
- ସୁନିଶ୍ଚିତ କରିବେ ଯେ, ସମସ୍ତ ନିଯୁକ୍ତି ପ୍ରକ୍ରିୟାର ସୁରକ୍ଷା ବ୍ୟବସ୍ଥା ରହିଛି- ସ୍ୱେଚ୍ଛାସେବୀ, ଇଣ୍ଟର୍ଣ୍ଣ ଏବଂ ସାଙ୍କେତିକ ଭାଷା ବ୍ୟାଖ୍ୟାକାରୀଙ୍କ ନିଯୁକ୍ତିକୁ ଏହା ଅନ୍ତର୍ଭୁକ୍ତ କରେ
- ସୁନିଶ୍ଚିତ କରିବେ ଯେ, ସମସ୍ତ କର୍ମଚାରୀ ଶିଶୁ ସୁରକ୍ଷା ଏବଂ ନିରାପତ୍ତା ଉପରେ ସଂପୂର୍ଣ୍ଣ ରୂପେ ପ୍ରଶିକ୍ଷଣପ୍ରାପ୍ତ ଏବଂ ସେହି ଟ୍ରେନିଂ ପ୍ରତିବର୍ଷ ନୂଆ କରି କରାଯାଏ ଏବଂ ପ୍ରତି ତିନି ବର୍ଷରେ ସଂପୂର୍ଣ୍ଣ ରୂପେ ନବୀକରଣ କରାଯାଏ
- ସୁନିଶ୍ଚିତ କରିବେ ଯେ, କର୍ମଚାରୀଙ୍କ ପରିଚାଳନା ସଂସ୍ଥା ଶିଶୁ ସୁରକ୍ଷା ଏବଂ ନିରାପତ୍ତାକୁ ବିଚାର କରନ୍ତି, କୌଣସି ପ୍ରସଙ୍ଗ ଅବା ଚିନ୍ତାଜନକ ବିଷୟଗୁଡ଼ିକର ତଦାରଖ, ଟିମ୍ ମିଟିଂ ଏବଂ ମୂଲ୍ୟାୟନ କରନ୍ତି
- ସେମାନଙ୍କ ଶିଶୁ ସୁରକ୍ଷା ଏବଂ ନିରାପତ୍ତା ନୀତିରେ ଆଚରଣ ବିଧି ଅନ୍ତର୍ଭୁକ୍ତ କରିବେ, ଯାହା କର୍ମଚାରୀ, ଇଣ୍ଟର୍ଣ୍ଣ ଏବଂ ସାଙ୍କେତିକ ଭାଷା ବ୍ୟାଖ୍ୟାକାରୀଙ୍କ ପାଇଁ ଉପଯୁକ୍ତ ଆଚରଣବିଧି ସ୍ଥିର କରିବ
- ସୁନିଶ୍ଚିତ କରିବେ ଯେ, ସମସ୍ତ କର୍ମଚାରୀ ନିରାପତ୍ତା ନୀତି ପ୍ରତି ପ୍ରତିଶ୍ରୁତିର ବକ୍ତବ୍ୟରେ ଦସ୍ତଖତ କରିବେ
- ସେମାନେ କାର୍ଯ୍ୟ କରୁଥିବା ସମୁଦାୟ ଏବଂ ପରିବାର ଭିତରେ ଶିଶୁ ସୁରକ୍ଷା ଏବଂ ନିରାପତ୍ତାର ଗୁରୁତ୍ୱ ବ୍ୟାପକ ଭାବେ ପ୍ରଚାର କରିବେ।

ସଠିକ୍ ମାନକ ରହିଥିବାର ପ୍ରମାଣସ୍ୱରୂପ ନିମ୍ନଲିଖିତ ଦଲିଲଗୁଡ଼ିକ ବ୍ୟବହାର କରାଯାଇପାରିବ:

- ଟ୍ରେନିଂ ପ୍ଲାନ୍ ଓ ପାଠ୍ୟକ୍ରମ ଉପସ୍ଥାପନ ରେକର୍ଡଗୁଡ଼ିକର ଏକ ନକଲ।
- ବିଶେଷଜ୍ଞ ପରାମର୍ଶ ଏବଂ ତଥ୍ୟ ପାଇଁ ସଂପର୍କ ସୂଚୀ।
- ନିଯୁକ୍ତି ବିଜ୍ଞାପନ ଏବଂ ନିୟୋଜନ ଚୁକ୍ତିନାମା, ଦରଖାସ୍ତ ଅଥବା ରେଫରେନ୍ସ ଫର୍ମଗୁଡ଼ିକର ନମୁନା।
- ଆଚରଣ ବିଧି।
- କର୍ମଚାରୀ, ସହଭାଗୀ, ଶିଶୁ ଏବଂ ସମୁଦାୟ ପାଇଁ ରିପୋର୍ଟିଂ ବ୍ୟବସ୍ଥାର ଗାଇଡଲାଇନ୍ସ।


ଦ ନ୍ୟାସନାଲ୍ ଡେଫ୍ ଚିଲଡ୍ରେନ୍ସ୍ ସୋସାଇଟି ଇଂଲଣ୍ଡରେ ଏକ ପଂଜୀକୃତ ଦାତବ୍ୟ ସଂସ୍ଥା ଏବଂ ୱାଲେସ୍ ନଂ. 1016532 ଏବଂ ସ୍କଟଲ୍ୟାଣ୍ଡ ନଂ. SC040779।